## ଇ-ଲାଇବ୍ରେରି ଉଦ୍‌ଘାଟିତ

**ରାଉରକେଲା ଅଫିସ:** ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲିଧରଙ୍କ ଦ୍ୱାରା ମଙ୍ଗଳବାର ରାଉରକେଲା ବାର୍ ଆସୋସିଏଶନରେ ଏକ ଇ-ଲାଇବ୍ରେରୀ ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟିତ ହୋଇଛି। ଏହି ଇ-ଲାଇବ୍ରେରୀ ଦ୍ୱାରା ବିଭିନ୍ନ ଚ୍ୟାମ୍ପର ଉପରେ ନିର୍ଭର ନ କରି ନିଜ ବାର୍ ଆଇନ ସମ୍ବନ୍ଧରେ ତଥ୍ୟ ତଥା କୋର୍ଟ୍ କାର୍ଯ୍ୟରେ ଦରକାର ପଡୁଥିବା ଆଇନ ସମ୍ପର୍କିତ ବିଷୟ ଗୁଡ଼ିକରେ ଆଇନଜୀବୀମାନେ ଜ୍ଞାନ ଅର୍ଜନ କରିପାରିବେ ବୋଲି ରାଉରକେଲା ଓକିଲ ସଂଘ ସଭାପତି ରମେଶ ବଳ କହିଥିଲେ। ଇ-ଲାଇବ୍ରେରୀ ପାଇଁ ହାଇକୋର୍ଟ ପକ୍ଷରୁ କମ୍ପ୍ୟୁଟର, ଇଣ୍ଟରନେଟ ସଂଯୋଗୀକରଣ ଓ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦିଆଯାଇଛି।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**କୁଚିଣ୍ଡା,୨୨।୩(ଡି.ଏନ.ଏ.):** ବାମରା ରେଳ ଷ୍ଟେଶନ ଓଏଚ୍‌ଇ ଅଫିସ ସମ୍ମୁଖ ଡାଉନ ଲାଇନ ନିକଟରେ ମଙ୍ଗଳବାର ସକାଳେ ଜିଆର୍‌ପି ଜଣେ ବ୍ୟକ୍ତିଙ୍କ କ୍ଷତ ବିକ୍ଷତ ମୃତଦେହ ଜବତ କରିଛି। ଏ ନେଇ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଗୋବିନ୍ଦପୁର ଡାକ୍ତରଖାନା ପଠାଇଛି। ଜିଆର୍‌ପିର ତଦନ୍ତ ପରେ ଜଣାପଡିଛି ଯେ, ମୃତ ବ୍ୟକ୍ତି ଜଣକ ଷ୍ଟେଶନବସ୍ତି (ବିଜୁ ପଟ୍ଟନାୟକ ଛକ) ନାଏକ ପଡ଼ାର ମିଶ୍ର ନାଏକ (୪୩)। ସେ କିଛିବର୍ଷ ଧରି ବାହାର ରାଜ୍ୟରେ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ହୋଲି ଛୁଟିରେ ଘରକୁ ଫେରିଥିବାବେଳେ କେଉଁ ପରିସ୍ଥିତିରେ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇପାରି ନ ଥିବା ଜିଆରପି କହିଛି।

### ବିଦ୍ୟୁତ୍ ଆଘାତରେ ଜଣଙ୍କ ମୃତ୍ୟୁ

**ଜମନକିରା,୨୨।୩(ଡି.ଏନ.ଏ.):** ଜମନକିରା ଥାନା ଟିକବା ପଞ୍ଚାୟତ ଅନ୍ତର୍ଗତ ରାଙ୍ଗୀବାହାଲ ଗ୍ରାମର ସୁମନ୍ତ ନାଏକ (୫୦)ଙ୍କ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ସୁମନ୍ତ ପେଶାରେ ଜଣେ ବଢେଇ। ସେ ବୈଦୁତିକ ଯନ୍ତ୍ର ସାହାଯ୍ୟରେ କାମ କରୁଥିବାବେଳେ ହଠାତ୍ ବିଦ୍ୟୁତ୍ ଆଘାତ ଲାଗିଥିଲା। ଗ୍ରାମର କେତେଜଣ ଯୁବକ ତାଙ୍କୁ ଫାଶୀମାଲ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ସ୍ଥାନାନ୍ତର କରାଯିବ ବୋଲି ଜଣାପଡିଛି।

### ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

**ରେଙ୍ଗାଲି,୨୨।୩(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଗୁଲାମାଲରେ ମଙ୍ଗଳବାର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ରେଙ୍ଗାଲି ଅତିରିକ୍ତ ତହସିଲଦାର ନେପାଳ ମୁଣ୍ଡା ଓ ପୋଲିସ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଥିଲା। ସୂଚନାଯୋଗ୍ୟ ଗ୍ରାମବାସୀ ଗ୍ରାମରେ ଏକ କଲ୍ୟାଣମଣ୍ଡପ ନିମାଣ ପାଇଁ ପ୍ଲଟ ନଂ-୧୨୮୯ରେ ଥିବା ୧୧ ଡେସମିଲ ଜାଗାକୁ ଚୟନ କରିଛନ୍ତି। ଏଥିପାଇଁ ଅନୁଦାନ ମଧ୍ୟ ମଞ୍ଜୁର ହୋଇଛି। କିନ୍ତୁ ଉକ୍ତ ଜାଗାକୁ ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରି ଘର ନିର୍ମାଣ କରିଛନ୍ତି। ଏ ନେଇ ଗ୍ରାମବାସୀ ତହସିଲଦାର ଓ ଉପଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ରେଙ୍ଗାଲି ତହସିଲ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଘର ଉଚ୍ଛେଦ ପାଇଁ ୩ଥର ନୋଟିସ କରାଯାଇଥିଲା। କିନ୍ତୁ ସେ ନ ଶୁଣିବାରୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା।

### ବିଶ୍ୱ କବିତା ଦିବସ

**ରାଉରକେଲା ଅଫିସ,୨୨।୩:** ରାଉରକେଲା ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଭାପତି ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ମଙ୍ଗଳବାର ବିଶ୍ୱ କବିତା ଦିବସ ପାଳିତ ହୋଇଛି। ଏଥିରେ ବିଶିଷ୍ଟ ସାହିତ୍ୟିକ ଭୂପେନ ମହାପାତ୍ର ମୁଖ୍ୟ ଅତିଥି, ରାଜୀବ ପାଣି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ବିଶ୍ୱ କବିତା ଦିବସ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ସହରର କବୟିତ୍ରୀ ଓ କବି ମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ କରାଯାଇଥିଲା। ଏଥିରେ ମଞ୍ଜୁଳା ରଥ ସଭାପତିତ୍ୱ କରିଥିବାବେଳେ ଦୀପ୍ତି ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଅଭିରାମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଇସ୍ପାତ ମାର୍କେଟ ପରିସରରେ କବି ଆର୍ତ୍ତତ୍ରାଣ ଜେନାଙ୍କ ଅଧ୍ୟକ୍ଷତାରେ କବିତା ଦିବସ ପାଳିତ ହୋଇଥିଲା।

### ବିଶ୍ୱ ଜଳ ଦିବସ ପାଳିତ

**କୁତ୍ରା,୨୨।୩(ଡି.ଏନ.ଏ.):** ସୁନ୍ଦରଗଡ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସବୁଜ ବାହିନୀ ଆନୁକୂଲ୍ୟରେ ମଙ୍ଗଳବାର ବିଶ୍ୱ ଜଳ ଦିବସ ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଧାନଶିକ୍ଷକ ନଳିନୀକାନ୍ତ ଶାସନୀ, ଗାଇଡ୍ କ୍ୟାପଟେନ ଦୀପିକା କେର୍କେଟା, ଧୃତିସୁନ୍ଦର ସାହୁ, ଅବିନାଶ କର ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସବୁଜ ବାହିନୀ ପ୍ରଶିକ୍ଷକ ବିଭୀଷଣ ବାରିକଙ୍କ ତତ୍ତ୍ୱାବଧାନରେ ସବୁଜ ବାହିନୀର ଛାତ୍ରୀମାନେ ଜଳ ସଂରକ୍ଷଣର ବାର୍ତ୍ତା ପ୍ରେରଣ କରିଥିଲେ । ପ୍ରଶିକ୍ଷକ ବାରିକ ଜଳ ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଏ ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ ।

# ବନ ବିଭାଗର ପାଚେରି ନିର୍ମାଣରେ ଦୁର୍ନୀତି

**ସମ୍ବଲପୁର,୨୨।୩(ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ଯୁଯୁମୁରା ରେଞ୍ଜ ଅଫିସ ପରିସରରେ ପାଚେରି ନିର୍ମାଣ କାମ ଚାଲିଛି। ଏହି କାମରେ ବ୍ୟାପକ ଅନିୟମିତତା କରାଯାଇ ଲକ୍ଷାଧିକ ଟଙ୍କାର ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଛି। ବନ ବିଭାଗର ଜଣେ କର୍ମଚାରୀଙ୍କ କହିବା କଥା ଉକ୍ତ କାମ ସ୍ଥାନୀୟ ରେଞ୍ଜରଙ୍କ ତତ୍ତ୍ୱାବଧାନରେ ହେଉଛି। ପ୍ରତ୍ୟେକ ନିର୍ମାଣ କାମ ବିଭାଗ ଦ୍ୱାରା ହୋଇଥାଏ। ଉଚ୍ଚପଦସ୍ଥ ଅଧିକାରୀ ପ୍ରକଳ୍ପ ତଦାରଖ କରନ୍ତି। ଏହି କାମ ମଧ୍ୟ ସେଭଳି ହେଉଛି। ଶ୍ରମିକ ଲଗାଇବାଠାରୁ ଆରମ୍ଭ କରି ଆବଶ୍ୟକ ସମାଗ୍ରୀ ପର୍ଯ୍ୟନ୍ତ ରେଞ୍ଜ ଅଫିସ ଜରିଆରେ କିଣାଯାଇଥାଏ। କାମର ମାନ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କଲେ ମଧ୍ୟ ଅଣଦେଖା କରି କାମ କରାଯାଉଛି। ଏପରି କି ମାର୍ଚ୍ଚ ଶେଷ ପୂର୍ବରୁ ଅଧା ପନ୍ତରିଆ କାମ କରି ବିଲ୍ ଉଠାଇବାକୁ ଯୋଜନା କରାଯାଉଥିବା କର୍ମଚାରୀ ଜଣକ କହିଛନ୍ତି।


ଯୁଯୁମୁରା ରେଞ୍ଜ ଅଫିସ ପରିସରରେ ଚାଲିଥିବା ପାଚେରି କାମ ।

ଅନ୍ୟପଟେ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି, କାମ ପୂର୍ବରୁ ବ୍ୟୟ ଅଟକଳ, ଦୈର୍ଘ୍ୟ, ପ୍ରସ୍ଥ ସମ୍ପର୍କରେ ସୂଚନା ଦିଆଯାଇ ନାହିଁ। ଆବଶ୍ୟକ ସିମେଣ୍ଟ, ବାଲି ମିଶ୍ରଣ କରାଯାଉ ନାହିଁ। ଠିକ୍ ପରିମାଣର ଲୁହା ରଡ୍ ବ୍ୟବହାର କରାଯାଉ ନାହିଁ। ସୂଚନା ଫଳକ ନ ଥିବାରୁ ଲୋକେ ପ୍ରକଳ୍ପ ସମ୍ପର୍କରେ ଜାଣି ପାରୁନାହାନ୍ତି। ଅନ୍ୟପଟେ ଏହି ପାଚେରି ପାଇଁ ଜମିକୁ ନେଇ ବିବାଦ ଦେଖାଦେଇଥିଲା। ଯୁଯୁମୁରା ବସ୍‌ଷ୍ଟପ ପାଇଁ ପୂର୍ବରୁ ଜମି ଚିହ୍ନଟ କରାଯାଇ ୩ ଲକ୍ଷ ଖର୍ଚ୍ଚ କରି ବାଉଣ୍ଡରି କାନ୍ଥ ନିର୍ମାଣ କରାଯାଇଥିଲା। ବସ୍‌ଷ୍ଟପ ଜମିରେ ବନ ବିଭାଗ ପାଚେରି ନିର୍ମାଣ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଯୁଯୁମୁରା ତହସିଲ ପକ୍ଷରୁ ମାପଚୁପ ପରେ ବସ୍‌ଷ୍ଟପ ପାଇଁ ଥିବା ଜମିରୁ ପ୍ରାୟ ୧୫ ଫୁଟ ଭିତରକୁ ବନ ବିଭାଗ ପାଚେରି ନିର୍ମାଣ କରୁଥିବା ଜଣାପଡିଥିଲା। ଉଭୟ ବିଭାଗ ସରକାରଙ୍କ ଅଧୀନରେ ହୋଇଥିବାରୁ ମାମଲାକୁ ଚପାଇ ଦିଆଗଲା। ହେଲେ ୩ ଲକ୍ଷ ଟଙ୍କା ପାଣିରେ ପଡିଲା ବୋଲି ଆଲୋଚନା ହୋଇଥିଲା। ବର୍ତ୍ତମାନ ପାଚେରି ନିର୍ମାଣରେ ଅନିୟମିତତା ହେଉଥିବାରୁ ଏହାର ତଦନ୍ତ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ପୂର୍ବରୁ ଏହି ରେଞ୍ଜ ଅଫିସ ପକ୍ଷରୁ ଇକୋଟୁରିଜମ ଦେବଝରନ ଡ୍ୟାମ ପାଇଁ ବୋଟ କିଣାଯାଇଥିଲା। ଏହି ବୋଟ କିଣାରେ ମଧ୍ୟ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଉକ୍ତ ବୋଟକୁ ରାତିଅଧିଆ ବନ ବିଭାଗ ସହାୟତାରେ ସମ୍ପୃକ୍ତ ଠିକା ସଂସ୍ଥା ଉଠାଇ ନେଇଥିଲା। ପାଚେରି ନିର୍ମାଣ କାମରେ ଟଙ୍କା ହରିଲୁଟ ଯୋଜନା କରାଯାଉଥିବାରୁ ଏହାର ତଦନ୍ତ କରାଯିବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଏ ସମ୍ପର୍କରେ ଏସିଏଫ୍ ମଦନଲାଲ ଶର୍ମା କହିଛନ୍ତି, କାମ ପୂର୍ବରୁ ଡ୍ରଇଁ ଏଷ୍ଟିମେଟ ହୋଇଥାଏ। ସେହି ଅନୁସାରେ କାମ କରିବା ଉଚିତ। ବିଭାଗୀୟ ତଦାରଖରେ କାମ ଚାଲିଛି। ନିମ୍ନମାନର କାମର ଯାଞ୍ଚ କରାଯିବ ବୋଲି କହିଥିଲେ।

## ଲାଇନ୍‌ଚ୍ୟୁତ ହେଲା ପାର୍ଶଲ ବଗି

**ବ୍ରଜରାଜନଗର,୨୨।୩(ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଦେଇ ଯାଇଥିବା ହାୱଡା-ମୁମ୍ବାଇ ରେଳପଥର ବ୍ରଜରାଜନଗର ରେଳ ଷ୍ଟେଶନଠାରୁ ଚାରି କିଲୋମଟର ଦୂର ଲଜକୁରା ଷ୍ଟେଶନଠାରେ ମଙ୍ଗଳବାର କିଷାନ ପାର୍ଶଲ ଟ୍ରେନର ଦୁଇଟି ଚକା ଲାଇନ୍‌ଚ୍ୟୁତ ହୋଇଥିଲା। ପ୍ରାୟ ୨ଘଣ୍ଟା ପରେ ବିଭାଗୀୟ କର୍ମଚାରୀ ଖସିଯାଇଥିବା ଚକା ଦୁଇଟିକୁ ଟ୍ରାକ୍‌କୁ ଆଣିବା ପରେ ଟ୍ରେନ୍‌ଟି ସ୍ୱାଭାବିକ ଭାବେ ଗନ୍ତବ୍ୟ ପଥକୁ ଯାଇଥିଲା। ଏଥିଯୋଗୁ ଅନ୍ୟ କୌଣସି ଟ୍ରେନ୍ ଯାତାୟାତରେ ବାଧା ସୃଷ୍ଟି ହୋଇ ନ ଥିଲା।

## ବୁଢ଼ାରଜା ହାଇସ୍କୁଲରେ ବିଶ୍ୱ ଜଳ ଦିବସ

**ସମ୍ବଲପୁର,୨୨।୩(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁଢ଼ାରଜା ସରକାରୀ ହାଇସ୍କୁଲ ସଭାକକ୍ଷରେ ମଙ୍ଗଳବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଜଳ ବିଶେଷଜ୍ଞ ରଞ୍ଜନ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ମନୁଷ୍ୟ ଜୀବନରେ ଜଳର ଭୂମିକା, ଜଳ ବିହୁନେ ମନୁଷ୍ୟର ଅବସ୍ଥା ଓ ଜଳର ସୁରକ୍ଷା ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଶିକ୍ଷାବିତ୍ ଉଦିତ ଚନ୍ଦ୍ର ପାଢଯୋଷୀ ମଧ୍ୟ ଜଳର ଉପକାରିତା ଓ ସୁରକ୍ଷା ବିଷୟରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ଶିକ୍ଷକ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁବିନ୍ଦା ଦାଶ, ଅନୀମା କୁଜୁର, ଅମିତ ସାମନ୍ତରା, ତନୟ କୁମାର ପ୍ରଧାନ, ସୁଜିତ ନାରାୟଣ ନାୟକ ସହଯୋଗ କରିଥିଲେ।

## କୁଡୁମୀ ସମାଜର ବାର୍ଷିକୋତ୍ସବ

**ଲହୁଣୀପଡା,୨୨।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ କୁର୍ଡା ପଞ୍ଚାୟତର ମଧୁପୁରଠାରେ ଦୋଳ ପୂର୍ଣ୍ଣିମା ଉପଲକ୍ଷେ ବଣେଇ କୁଡୁମୀ ସମାଜ ଲବଙ୍ଗ ପ୍ରଗଣା ତରଫରୁ ବାର୍ଷିକ ଉତ୍ସବ ଓ ପ୍ରତିଭା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଣେଇ ରାଜା ବୀର କିଶୋର ଇନ୍ଦ୍ରଦେଓ ଦେବ, ସମ୍ମାନିତ ଅତିଥି କୁମାର ଗୌତମ ବାରିକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ଭୃକୁଟୀ ଚରଣ ମାହାନ୍ତ ଯୋଗ ଦେଇଥିଲେ। କ୍ଷୀରେନ୍ଦ୍ର ନାଥ ମାହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନାଦି ଚରଣ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ରଙ୍ଗଲାଲ ମାହାନ୍ତଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। କୁଡୁମୀ ସମାଜର ପତାକାକୁ ରାଜା ବୀରକିଶୋର ଉତ୍ତୋଳନ କରିଥିଲେ। ସମ୍ପାଦକ ଯୁଗଳ କିଶୋର ମାହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବ ପାଳନ ଅବସରରେ ଚଳିତବର୍ଷ ୧୫ ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। କବି ଓ ଲେଖକ ଭାବେ ବିଦ୍ୟାଧର ମାହାନ୍ତ ଓ ଦୁବରାଜ ମାହାନ୍ତ, ବରିଷ୍ଠ କଳାକାର ଖଗେଶ୍ୱର ବାରିକଙ୍କୁ କଳାଶ୍ରୀ ସମ୍ମାନ, କୃଷି ଯନ୍ତ୍ର ଉଦ୍‌ଭାବକ ଭାବେ ଗୁରୁଚରଣ ପ୍ରଧାନଙ୍କ ସମେତ ୧୫ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଦନ ମୋହନ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଚାର ମଙ୍ଗ ଧରିଲେ ସ୍ୱାସ୍ଥ୍ୟମନ୍ତ୍ରୀ


ଶୋଭାଯାତ୍ରାରେ ସାମିଲ ହୋଇଥିବା ଦଳୀୟ ପ୍ରାର୍ଥୀ ଓ ନେତୃବୃନ୍ଦ।

**ଝାରସୁଗୁଡ଼ା ଅଫିସ,୨୨।୩**

ପୌର ପରିଷଦ ନିର୍ବାଚନ ଲାଗି ମଙ୍ଗଳବାର ପ୍ରଚାରର ଶେଷ ଦିନରେ ଝାରସୁଗୁଡା ବିଜେଡି ତରଫରୁ ଏକ ବିଶାଳ ଶୋଭାଯାତ୍ରା ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଗାନ୍ଧୀଛକରୁ ବାହାରି ଝଣ୍ଡା ଛକ ପର୍ଯ୍ୟନ୍ତ ଯାଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ନେତୃତ୍ୱରେ ବାହାରିଥିବା ଶୋଭାଯାତ୍ରାରେ ୭ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। କର୍ମୀମାନେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରେ ଝଣ୍ଡା ଛକସ୍ଥିତ ପଡିଆରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଚେୟାରମ୍ୟାନ ପାର୍ଥିନୀ ରାନୀ ହାତୀଙ୍କ ସମେତ ସମସ୍ତ ୨୪ ୱାର୍ଡର କାଉନସିଲର ପାର୍ଥୀ ଓ ପାର୍ଥିନୀ ଉପସ୍ଥିତ ଥିଲେ। ଝାରସୁଗୁଡା ବିଜେଡି ସହ ପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡ଼ିଆ, ସନ୍ଦିପ ଅବସ୍ତି, ରବି ସିଂ, ତାପସ ରାୟ ଚୌଧୁରୀ, ହରିଷ ଗଣତ୍ରା, ରଘୁମଣି ପଟେଲ, ପ୍ରତାପ ନନ୍ଦ, ପିଣ୍ଟୁ ପାଢ଼ୀ, ମଦନ ହାତୀ, ଅଶୋକ ଦାସ, ଗୋବିନ୍ଦ ସିଙ୍ଘାଣିଆ ପ୍ରମୁଖ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ବହୁସଂଖ୍ୟାରେ ଭୋଟଦେଇ ବିଜୟୀ କରାଇବାକୁ ନିବେଦନ କରିଥିଲେ।

## ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

**ନାକଟିଦେଉଳ,୨୨।୩(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଶିଶୁ ବାଟିକା ପର୍ଯ୍ୟାୟର ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପଙ୍କଜିନୀ ସାହୁ ଉଦ୍‌ଘାଟନ କରିଥିଲେ। ଶିଶୁ ମନ୍ଦିର ପରିଚାଳନା କମିଟି ଉପସଭାପତି ହରେକୃଷ୍ଣ ମେହେର ଅତିଥି ଭାବେ ଯୋଗଦେଇ ପ୍ରକଳ୍ପ ସଂପର୍କରେ ଆଲୋଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ମାର୍ଗଦର୍ଶନ ଦେଇଥିବା ବେଳେ ଆଚାର୍ଯ୍ୟା ସାଗରିକା ପ୍ରଧାନ ବୋଧ କଥା କହିଥିଲେ। ଶିଶୁ ବାଟିକା ପ୍ରମୁଖ ବିଜୟ କୁମାର ବେହେରା ଶିଶୁର ବାତାବରଣ ନିର୍ମାଣ ଓ ଆଚାର୍ଯ୍ୟା ମନସ୍ୱିନୀ ସାହୁ ଶିଶୁର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଆଚାର୍ଯ୍ୟ ସୁବାଷ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ହୋଇଥିବା କାର୍ଯ୍ୟକ୍ରମରେ ୩୫ଜଣ ଅଭିଭାବିକା ଯୋଗଦେଇଥିଲେ।

## ସାମାଜିକ ସମୀକ୍ଷା ବୈଠକ


ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଲୋକପ୍ରତିନିଧି।

**ଜମନକିରା, ୨୨।୩(ଡି.ଏନ.ଏ.)**

ଜମନକିରା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମଙ୍ଗଳବାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟଅତିଥି ଓ ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲୋକପାଳ ବ୍ରଜେନ୍ଦ୍ର କିଶୋର ପଣ୍ଡା, ବିଡ଼ିଓ ଟୁନୁ ମେହେର, ଏବିଡ଼ିଓ ରବୀନ୍ଦ୍ର ରଣା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ରହି ବିଭିନ୍ନ ଯାଜନା ଓ ସାଧାରଣ ବଣ୍ଟନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବନିର୍ବାଚିତ ସରପଞ୍ଚ, ନାଏବ ସରପଞ୍ଚ, ସମିତିସଭ୍ୟ, ଲାଇନ ବିଭାଗ ଅଧିକାରୀ, ବନ ବିଭାଗ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକ୍‌ରେ ଅନ୍ତର୍ଗତ ୨୧ ପଞ୍ଚାୟତ ମଧ୍ୟରୁ ୧୪ଟିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ସମାଧାନ ପାଇଁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ବିନା ସୂଚନା ଫଳକରେ କାର୍ଯ୍ୟ କରାଯାଇଥିଲେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ୧ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ଏଥିସହ ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରି ତାଲିକାରୁ ବାଦ୍ ଦେଇ ପରିବାରର ମୁଖ୍ୟଙ୍କୁ ସାମିଲ କରିବା ବିଷୟରେ ବ୍ଲକ୍ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ନିରସ ବିଷୟର ମନୋରମ ଉପସ୍ଥାପକ ଥିଲେ ଉଦ୍‌ଗାତା

**ସମ୍ବଲପୁର,୨୨।୩(ବ୍ୟୁରୋ)**

ଶିକ୍ଷାଦାନ ସମୟରେ ନିରସ ବିଷୟକୁ ମନୋରମ ଭାବେ ଉପସ୍ଥାପନା କରୁଥିଲେ କବି ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା। ପବ୍ଲିକ ଲାଇବ୍ରେରିରେ ତାଙ୍କ ଶତବାର୍ଷିକ ଜନ୍ମ ସମାରୋହରେ ଯୋଗଦେଇ ବକ୍ତାମାନେ ଏହା କହିଥିଲେ। ପବ୍ଲିକ ଲାଇବ୍ରେରି ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) କୁଳପତି ପ୍ରଫେସର ଏନ୍ ନାଗାରାଜୁ ମୁଖ୍ୟଅତିଥି, ଜିଏମ୍‌ୟୁ ଭୀମଭୋଇ ଚେୟାର ପ୍ରଫେସର ପ୍ରଦୀପ କୁମାର ପଣ୍ଡା ମୁଖ୍ୟବକ୍ତା ଓ ଭିସୁଟ କୁଳପତି ପ୍ରଫେସର ବଂଶୀଧର ମାଝି, ଦିଲୀପ ବେହେରା, ଡ଼. ସୁକୁମାର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଉପଦେଷ୍ଟା ବିଭୂତି ଭୂଷଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ଼ ରେଣୁ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଫେସର ଉଦ୍‌ଗାତାଙ୍କ ଘରେ ଥିବା ମୂଲ୍ୟବାନ ବହି, ପତ୍ରପତ୍ରିକା ପରିବାରବର୍ଗ ପବ୍ଲିକ ଲାଇବ୍ରେରିକୁ ଦାନ କରିଥିଲେ।

## ରେଢ଼ାଖୋଲରେ ସାମୂହିକ ବ୍ରତୋପନୟନ

**ରେଢ଼ାଖୋଲ,୨୨।୩ (ଡି.ଏନ.ଏ.)**

ରେଢ଼ାଖୋଲ ପାତୁଲିପାଲି ବ୍ରହ୍ମସମାଜ ଓ ସହଯୋଗୀ ବ୍ରାହ୍ମଣମାନଙ୍କ ଆନୁକୂଲ୍ୟରେ ସ୍ଥାନୀୟ ବିଷ୍ଣୁମନ୍ଦିର, ବୃନ୍ଦାବନ ବିହାର ପ୍ରାଙ୍ଗଣରେ ସୋମବାର ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଛି। ଏଥିରେ ଦେବଗଡ, ବାଗଡିଆ ଓ ରେଢାଖୋଲର ୧୦ ଜଣ ବ୍ରାହ୍ମଣ ବାଳକଙ୍କୁ ବ୍ରତୋପନୟନ କରାଯାଇଥିଲା। ପଣ୍ଡିତ ରୁଦ୍ରପ୍ରସାଦ ନନ୍ଦ ମୁଖ୍ୟ ପୂଜକ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଭବାନି ପଣ୍ଡା, କିଶୋର ମୋହନ ପଣ୍ଡା, ନିରଞ୍ଜନ ମହାପାତ୍ର, ବିଶ୍ୱାମିତ୍ର ନାୟକ, କ୍ଷେତ୍ରପାଳ ଦାଶ ପ୍ରମୁଖ ପୂଜକ ଭାବେ ଯୋଗ ଦେଇଥିଲେ। ଦେବଗଡ ଜିଲାରୁ ଆସିଥିବା ୬ଭାଇଙ୍କ ଏକସାଙ୍ଗରେ ବ୍ରତୋପନୟନ କରାଯାଇଥିଲା। ପରେ ରୋଶନି କରାଯାଇ ଏକ ଶୋଭାଯାତ୍ରାରେ ଜଗନ୍ନାଥ ମନ୍ଦିରକୁ ନିଆଯାଇ ଠାକୁର ଦର୍ଶନ କରାଯାଇଥିଲା। ପଣ୍ଡିତ ସୂର୍ଯ୍ୟ ପାଣିଗ୍ରହୀ, ନରେନ୍ଦ୍ର ପଣ୍ଡା, ରମେଶ ପ୍ରସାଦ ପାଣିଗ୍ରାହୀ, ଯୋଗଜନ୍ମା ଦାଶଶର୍ମା, ଅଚ୍ୟୁତାନନ୍ଦ ପୁରୋହିତ ସହଯୋଗ କରିଥିଲେ।


ବ୍ରତୋପନୟନ କରାଯାଉଛି।



ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ମଙ୍ଗଳବାର ବିଜେଡି ପ୍ରାର୍ଥିନୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି(ବାମ) । ସମର୍ଥକଙ୍କ ଗହଣରେ ସ୍ୱାଧୀନ ପ୍ରାର୍ଥିନୀ ।

# ସ୍ୱାଧୀନ ପ୍ରାର୍ଥିନୀଙ୍କ ସମେତ ପ୍ରମୁଖ ରାଜନୈତିକ ଦଳର ଶକ୍ତି ପ୍ରଦର୍ଶନ

**ସୁନ୍ଦରଗଡ,୨୨।୩ (ଡି.ଏନ୍.ଏ.)**

**ପୌର ନିର୍ବାଚନ ପ୍ରଚାର ଶେଷ**

ପୌର ନିର୍ବାଚନ ପାଇଁ ମଙ୍ଗଳବାର ଥିଲା ପ୍ରଚାରର ଅନ୍ତିମ ଦିବସ। ଏହି ଦିନ ସୁନ୍ଦରଗଡ ପୌର ପରିଷଦ ପାଇଁ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା, କଂଗ୍ରେସ ସମେତ ସ୍ୱାଧୀନ ପୌରାଧ୍ୟକ୍ଷା ପ୍ରାର୍ଥିନୀ ନିନିମା ପଟେଲ ରୋଡ ଶୋ ମାଧ୍ୟମରେ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ବିଜେଡିର ପୌରାଧ୍ୟକ୍ଷା ପ୍ରାର୍ଥିନୀ ରଞ୍ଜନା ପଣ୍ଡା ଓ ୧୯ଟି ୱାର୍ଡର ପ୍ରାର୍ଥୀ, ପ୍ରାର୍ଥିନୀମାନେ ରୋଡ ଶୋ ମାଧ୍ୟମରେ ସୁନ୍ଦରଗଡ ସହର ପରିକ୍ରମା କରି ଭୋଟ ଭିକ୍ଷା କରିଥିଲେ। ଏହି ରୋଡଶୋରେ ବିଜେଡିର ପ୍ରଚାରର ମଙ୍ଗ ଧରିଥିବା ସୁନ୍ଦରଗଡର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସଂପାଦକ ଯୋଗେଶ କୁମାର ସିଂ, ପୂର୍ବତନ ରାଜ୍ୟସଭା ସଦସ୍ୟ ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ସହ ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ, ଓଡିଆ ସିନେ ତାରକା ଆଦ୍ୟାଶ୍ରୀ ଆଚାର୍ଯ୍ୟ, ବିଜେଡି ନେତ୍ରୀ ମିନତୀ ଦେବତା, ଯୁବ ନେତ୍ରୀ ପ୍ରିୟଙ୍କା ଜେନା, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ ପ୍ରମୁଖ ପ୍ରଚାର କରିଥିଲେ। ଭାଜପାର ପୌରାଧ୍ୟକ୍ଷା ପ୍ରାର୍ଥିନୀ ତନୟା ମିଶ୍ର ମଧ୍ୟ ବିଭିନ୍ନ ୱାର୍ଡ ବୁଲି ଭୋଟ ଭିକ୍ଷା କରିଥିଲେ। ସୁନ୍ଦରଗଡ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ତାଙ୍କ ସପକ୍ଷରେ ବିଭିନ୍ନ ୱାର୍ଡ ବୁଲି ପ୍ରଚାର କରିଥିଲେ। ସେହିପରି ସ୍ୱାଧୀନ ପ୍ରାର୍ଥିନୀ ନିନିମା ପଟେଲ ଓ ତାଙ୍କ ସ୍ୱାମୀ ପୂର୍ବତନ କାଉନସିଲର ଡା. ହିମାଂଶୁ ଶେଖର ଷଡଙ୍ଗୀ ନିଜ ସମର୍ଥକଙ୍କ ସହ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଭୋଟ୍ ଭିକ୍ଷା କରିଥିଲେ। ସ୍ୱାଧୀନ ପ୍ରାର୍ଥିନୀଙ୍କ ସମେତ ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀମାନଙ୍କର ଶୋଭାଯାତ୍ରାରେ ପାରମ୍ପାରିକ ଢୋଲ, ନିଶାନ, ଦୁଲଦୁଲି ବାଦ୍ୟରେ କମ୍ପି ଉଠିଥିଲା ସାରା ସହର। ଆସନ୍ତା ୨୪ ତାରିଖରେ ଭୋଟ୍‌ଗ୍ରହଣ ହେବ। ନିର୍ବାଚନ ରଣାଙ୍ଗନରେ ମୋଟ ୫ଜଣ ପୌରାଧ୍ୟକ୍ଷା ପ୍ରାର୍ଥିନୀଙ୍କ ସମେତ ୭୪ଜଣ କାଉନସିଲର ପ୍ରାର୍ଥୀ ରହିଛନ୍ତି। ସୂଚନାଯୋଗ୍ୟ, ସୁନ୍ଦରଗଡ ପୌରାଞ୍ଚଳର ୧୯ଟି ୱାର୍ଡର ମୋଟ ୩୮ହଜାର ୧୦୪ ଜଣ ମତଦାତା ରହିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୩ ମାର୍ଚ୍ଚ, ୨୦୨୨



## ଶିଶୁ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ସମେତ ବିଭିନ୍ନ ଗ୍ରାମରେ ଶିଶୁ ସୁରକ୍ଷା ପାଇଁ ଜନ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ଓ ୟୁନିସେଫ ସହାୟତାରେ ସୁରସଙ୍ଗମ ସାଂସ୍କୃତିକ ସଂସଦ କଳାକାରମାନେ ଲୋଇସିଂହା ବ୍ଲକର ବିଭିନ୍ନ ଗ୍ରାମ ବୁଲି ବାଲ୍ୟ ବିବାହ ନିଷେଧ ଉପରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରୁଛନ୍ତି। ବିରଷ୍ଠ କଳାକାର ନିସାର ଅହମ୍ମଦ ନିସାର, ସରୋଜ ମହାକୁର ଏବଂ ସାଥୀ କଳାକାର ସଚେତନତା ଧର୍ମୀ ବାର୍ତ୍ତା ବାଣ୍ଟୁଛନ୍ତି।

## ସଂକ୍ଷେପରେ

### ଜମି ବିବାଦକୁ ନେଇ ହତ୍ୟା ଘଟଣା: ୨ଗିରଫ

ଦେଓଗାଁ,୨୨।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ବରଗାଁରେ ଜମି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳରେ ଧନୁ ବୁଡେକଙ୍କ ମୃତ୍ୟୁ ଘଟିଥିଲା। ଧନୁଙ୍କ ସ୍ତ୍ରୀ ଲକ୍ଷ୍ମୀ ଓ ଦୁଇ ଝିଅ ଗୁରୁତର ହୋଇଥିଲେ। ଏହି ଘଟଣାରେ ପୋଲିସ ମଙ୍ଗଳବାର ଯୁଧିଷ୍ଠିର ନାଗ (୪୮) ଓ କିଶୋର ନାଗ(୩୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ ଜମି ବିବାଦକୁ ନେଇ ଧନୁ ବୁଡେକ ଓ ସୁଶାନ୍ତ ବେହେରାଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ହୋଲି ଦିନ ଉକ୍ତ ଜମି ମାମଲାକୁ ନେଇ ଉଭୟ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଅପରାହ୍ନରେ ସୁଶାନ୍ତ ନିଜର କେତେକ ସମର୍ଥକଙ୍କୁ ଧରି ସଂଘବଦ୍ଧ ଭାବେ ଧନୁଙ୍କ ପରିବାର ଉପରେ ଆକ୍ରମଣ କରିଥିଲେ। ଅଭିଯୁକ୍ତଙ୍କ ଟାଙ୍ଗିଆ ଚୋଟରେ ଧନୁଙ୍କର ମୃତ୍ୟୁ ଘଟିଥିଲା। ଧନୁଙ୍କ ଭାଇ ଦେବାନନ୍ଦ ସେଠଙ୍କ ଅଭିଯୋଗକୁ ଭିତ୍ତି କରି ଦେଓଗାଁ ଥାନାରେ ସୁଶାନ୍ତ ବେହେରା ଓ ପ୍ରଶାନ୍ତ ବେହେରା, ବିନୋଦ ବେହେରା, ଜୟନ୍ତି ବେହେରା, ସହଯୋଗୀ ଯୁଧିଷ୍ଠିର ନାଗ ଓ କିଶୋର ନାଗଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନାଧିକାରୀ ବାମଦେବ ଶଙ୍ଖୁଆଳ ସୂଚନା ଦେଇଛନ୍ତି।

### ଜୁଏଲେରି ଦୋକାନ ଶଟର ତାଡ଼ି ଚୋରି

ବେହେରା,୨୨।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଗ୍ରାମରେ ସୋମବାର ରାତିରେ ଏକ ଜୁଏଲେରି ଦୋକାନରୁ ବଡ ଧରଣର ଚୋରି ହୋଇଛି। ଜୁଏଲେରି ଶଟର ତାଡି ଲକ୍ଷାଧିକ ଟଙ୍କାର ସୁନା ଓ ୧୨ କିଗ୍ରା ରୁପା ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଛନ୍ତି। ଏ ନେଇ ଦୋକାନ ମାଲିକ ପିଣ୍ଟୁ ଆଚାରି କୋକସରା ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। କୋକସରା ପୋଲିସ ପ୍ରଶନ୍ନ କୁମାର ବେହେରା, ଜନ୍ମେଜୟ ବାଗ, ଗ୍ରାମରକ୍ଷୀ ଭୋଳାନାଥ ଭରତିଆ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ସୂଚନା ଅନୁସାରେ ଜୁଏଲେରି ମାଲିକ ସୋମବାର ରାତି ୧୨ଟାରେ ଦୋକାନ ବନ୍ଦ କରି ସାନପୋଡାଗୁଡା ଗ୍ରାମକୁ ଯାଇଥିଲେ। ଭୋରୁ ଆସି ଦେଖିବା ବେଳେ ସଟର ତାଡି ହୋଇଥିଲା। ଭିତରେ ଗ୍ରାହକମାନଙ୍କ ଡିଜାଇନିଂ କରାଇବା ପାଇଁ ରଖିଥିବା ସବୁ ସୁନା, ରୁପା ଚୋରି ହୋଇଥିବା ଜାଣିପାରିଥିଲେ। ପ୍ରକାଶ ଯୋଗ୍ୟ ଯେ, ବେହେରା ହେଉଛି ଜିଲାର ଏକ ବଡ ଗ୍ରାମ ପଞ୍ଚାୟତ ଓ ଦଣ୍ଡପାଟ ଅଞ୍ଚଳର ଏକମାତ୍ର ବ୍ୟବସାୟିକ ପେଣ୍ଠସ୍ଥଳି। ଏଣୁ ଏଠାରେ ଏକ ପୋଲିସ ଥାନା ଖୋଲାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଖାସବାହାଲରେ ବିଶ୍ୱ ଜଳ ଦିବସ ପାଳିତ

ଖଡିଆଳ,୨୨।୩(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବ୍ଲକ ଖାସବାହାଲସ୍ଥିତ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ସାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଶିକ୍ଷକ ଧରଣୀଧର ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଦିବସ ପାଳନରେ ସ୍ୱାସ୍ଥ୍ୟ ବିଭାଗ କମ୍ୟୁନିଟି ହେଲଥ ଅଧିକାରୀ, ବ୍ରଜ କିଶୋର ସାହୁ, ରାଧିକା ରଞ୍ଜନ ଦାଶ, ଟଙ୍କଧର ବାଗ ପ୍ରମୁଖ ଯୋଗଦେଇ ଜଳ ଦିବସ ପାଳନ ଲକ୍ଷ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଜଳ ହିଁ ଜୀବନ, ବର୍ତ୍ତମାନ ସ୍ଥିତିରେ ଅନେକ ସ୍ଥାନରେ ଜଳ ଅଭାବ ଥିବା ପରିଲକ୍ଷିତ ହେଉଛି। ଏଣୁ ଏହାର ସଂରକ୍ଷଣ ଦିଗରେ ସମସ୍ତେ ଆଗେଇ ଆସିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଯଶୋଦା ଶବର, ବୀଣାଶବର ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଥିବା ଛାତ୍ରୀ ସରିତା ଶବରଙ୍କୁ ପୁରସ୍କୃତ କରାଯାଇଥିଲା।

### ଶିକ୍ଷକଙ୍କ ବିୟୋଗ

କର୍ଲାମୁଣ୍ଡା,୨୨।୩(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଖଲିଆପାଲି ଗ୍ରାମର ଶିକ୍ଷକ ଶିବରାଜ ସାହୁଙ୍କ (୫୧) ସୋମବାର ପରଲୋକ ହୋଇଯାଇଛି। ତାଙ୍କ ପରଲୋକ ଖବର ପରେ କର୍ଲାମୁଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ସେ ଘଣ୍ଟପଡା ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ବିୟୋଗରେ ଗ୍ରାମର ବିଭିନ୍ନ ସଂଘ, ଅନୁଷ୍ଠାନ, ଗ୍ରାମ୍ୟ ଉନ୍ନୟନ କମିଟି, ପ୍ରେସ କ୍ଲବ ଓ ବିଭିନ୍ନ ରାଜନୈତିକ ବ୍ୟକ୍ତି ବିଶେଷ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ୬ ମାସ ବିତିଲା, ମରାମତି ହେଲାନି

- ରାସ୍ତା ପ୍ରଶସ୍ତୀକରଣ ବେଳେ ପାଇପ ଫାଟିଥିଲା
- ପାଇପ ପାଣିରୁ ବଞ୍ଚିତ ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

ଲୋଇସିଂହା,୨୨।୩(ଡି.ଏନ.ଏ)



ପାନୀୟ ଜଳ ପ୍ରକଳ୍ପ ବନ୍ଦ ଯୋଗୁ ଅସନ୍ତୁଷ୍ଟ ଗ୍ରାମବାସୀ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ମୁଖ୍ୟାଳୟ ବୁଢୀପଦର ଗାଁରେ ଉତ୍କଟ ଜଳାଭାବ ଦେଖାଦେଇଛି। ଜାତୀୟ ରାଜପଥ ପ୍ରଶସ୍ତୀକରଣ କାମ ବେଳେ ବସୁଧା ପାନୀୟ ଜଳ ପ୍ରକଳ୍ପର ପାଇପ ଲାଇନ ଫାଟି ଯାଇଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବାବେଳେ ଫାଟିଥିବା ପାଇପ ଲାଇନକୁ ରାସ୍ତା କାମ କରୁଥିବା ଠିକାସଂସ୍ଥା କିମ୍ବା ଆରଡବ୍ଲ୍ୟୁଏସଏସ ବିଭାଗ ମରାମତି ଦିଗରେ ଦୃଷ୍ଟି ଦେଉନାହାନ୍ତି। ଗ୍ରାମରେ ଥିବା ନଳକୂପରୁ ଆବଶ୍ୟକ ପାଣି ବାହାରୁ ନ ଥିବାରୁ ପାଞ୍ଚଓ୍ୱାର୍ଡ ବିଶିଷ୍ଟ ବୁଢୀପଦର ଗ୍ରାମର ଜନସଂଖ୍ୟା ୨୫ଶହରୁ ଉର୍ଦ୍ଧ୍ୱ ଲୋକେ ଗତ ୬ମାସ ହେବ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସୁଧା ଯୋଜନାରେ ଗତବର୍ଷ ଏକ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲା। ପ୍ରକଳ୍ପରୁ ଲୋକେ ପିଇବା ପାଣି ପାଇ ପାରୁଥିଲେ। ବରଗଡ-ବଲାଙ୍ଗୀର ୨୬ ନଂ ଜାତୀୟ ରାଜପଥ ଅତିକ୍ରମ କରି ପ୍ରକଳ୍ପ ପାଇପ ଲାଇନ ଗାଁକୁ ସଂଯୋଗ କରାଯାଇଛି। ବରପାଲିରୁ ବଲାଙ୍ଗୀର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାମ ଚାଲିଥିବାବେଳେ ପାଇପ ଲାଇନ ଫାଟି ଯାଇଥିଲେ ହେଁ ଏହାକୁ ମରାମତି କରାଯାଇ ନ ଥିବା ସରପଞ୍ଚ ଲକ୍ଷ୍ମୀ ପଧାନ କହିଛନ୍ତି। ଅବିଳମ୍ବେ ମରାମତି କରା ନ ଗଲେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମର ବୁଇ ବିଶି, ବିଶାଖା ବିଶି, ଲଲିତା ବାଗ, ଅଳି ବାଗ, ଅଯୋଧ୍ୟା ବାଗ, ରାକେଶ ରୋଶନସିଂ ରାଏ, ମୁକେଶ ବହିଦାର, ୱାର୍ଡସଭ୍ୟ ମୁକେଶ ବୁଦ୍ଧିଆ କହିଛନ୍ତି।

# ଏଣିକି ବେଆଇନ ତମାଖୁ ବିକ୍ରି ଉପରେ କାର୍ଯ୍ୟାନୁଷ୍ଠାନ



ବୈଠକରେ ମଞ୍ଚାସୀନ ଜିଲାପାଳ, ଅନ୍ୟ ଅଧିକାରୀବୃନ୍ଦ।

ବରଗଡ଼ ଅଫିସ୍,୨୨।୩

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ର ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ତମାଖୁ ବ୍ୟବହାରର ଭୟାବହତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହାର ପ୍ରତିକାର ନିମନ୍ତେ ସ୍ୱାସ୍ଥ୍ୟ ସଚେତନତା ପାଇଁ ସେ ଜିଲାସ୍ତରୀୟ ବିଭାଗ ମୁଖ୍ୟମାନଙ୍କୁ ଅନୁରୋଧ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଚୂଳବତୀ ସାହୁ ତମାଖୁ ନିୟନ୍ତ୍ରଣରେ ବିଭିନ୍ନ ବିଭାଗର ଭୂମିକା, କାର୍ଯ୍ୟକାରିତା ଉପରେ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବିକ୍ରି ହେଉଥିବା ତମାଖୁ ଜାତୀୟ ଦ୍ରବ୍ୟର ନିୟମିତ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ବାନାର୍ଜୀ ଅବକାରୀ ଓ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନ ପରିସରକୁ ତମାଖୁମୁକ୍ତ କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରାମର୍ଶଦାତା (ତମାଖୁ ନିୟନ୍ତ୍ରଣ) ଶିତେଶ କୁମାର ତ୍ରିପାଠୀ ବୈଠକ ପରିଚାଳନା କରିଥିଲେ।

# ଝାଡ଼ାବାନ୍ତିରେ ଜଣେ ମୃତ, ୨ ଗୁରୁତର

କୁନାଗଡ,୨୨।୩(ଡି.ଏନ.ଏ.)



ଘଟଣାସ୍ଥଳରେ ସ୍ୱାସ୍ଥ୍ୟ ବିଭାଗର ଟିମ୍।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡ ଗ୍ରାମରେ ବୁଧବାର ଝାଡାବାନ୍ତିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ତାଙ୍କ ନାମ ମମତା ମହାଲିକ (୩୦)। ସୂଚନା ଅନୁଯାୟୀ, ଛୋରିଆଗଡ ଗ୍ରାମର ବୃଦ୍ଧ ଗଙ୍ଗାଧର ମହାଲିକ, ତାଙ୍କ ସ୍ତ୍ରୀ କଏଁତା ଓ ବୋହୂ ମମତା ରବିବାର ରାତିରେ ଖାଇ ସାରି ଶୋଇଥିଲେ। ବିଳମ୍ବିତ ରାତିରେ ସେମାନଙ୍କୁ ହଠାତ୍ ଝାଡାବାନ୍ତି ହୋଇଥିଲା। ସକାଳୁ ସେମାନଙ୍କୁ ଗୁରୁତର ଅବସ୍ଥାରେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମମତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସୋମବାର ଅପରାହ୍ନରେ ତାଙ୍କ ସ୍ୱାମୀ ଲିଙ୍ଗରାଜ ଜୁନାଗଡର ଏକ ଘରୋଇ ନର୍ସିଂ ହୋମ୍‌କୁ ନେଇଥିଲେ। ସେଠାରେ ଚିକିତ୍ସା ପରେ ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ନ ଆସିବାରୁ ମଙ୍ଗଳବାର ଭୋରେ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ମୃତା ବୋହୂଙ୍କ ଶାଶୁ ଓ ଶଶୁର ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ଜଣାପଡିଛି। ଏହି ଘଟଣା ପରେ ଘଟଣାସ୍ଥଳକୁ ସ୍ଥାନୀୟ ଏଏନଏମ୍ ଧରିତ୍ରୀ ଛତ୍ରିଆ, ସୁପରଭାଇଜର ସାଧୁରାମ କୈବର୍ତ୍ତ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ବିଷାକ୍ତ ଖାଦ୍ୟ ଯୋଗୁ ଏପରି ହୋଇଥିବା ଅନୁମାନ କରାଯାଇଛି।

# କ୍ରିକେଟ: ନୂଆପଡ଼ା ଫାଇନାଲରେ

ନୂଆପଡ଼ା ଅଫିସ,୨୨।୩

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ନୂଆପଡା ପ୍ଲେବୟ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଆନ୍ତଃରାଜ୍ୟ ୪ର୍ଥ ନୂଆପଡା କପ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ଗ୍ଲାଡିଏଟର ଭବାନୀପାଟଣା ଓ ପୋଲିସ ଏକାଦଶ ନୂଆପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ଜବାବରେ ପୋଲିସ ଏକାଦଶ ୧୧ ଓଭରରେ ସମସ୍ତ ଉଇକେଟ ହରାଇ ୯୮ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପ୍ଲେବୟ ନୂଆପଡା ଓ ଗ୍ଲାଡିଏଟର ଭବାନୀପାଟଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା ନିର୍ଦ୍ଧାରିତ ୧୫ ଓଭରରୁ ୧୪ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୦୧ ରନ ସଂଗ୍ରହ କରିଥିଲା। ଜବାବରେ ନୂଆପଡା ୮ ଓଭରରେ ଏକ ଉଇକେଟ ହରାଇ ୧୦୪ ରନ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଚୂଡାମଣି ପାଢୀ ଓ ପ୍ରଶାନ୍ତ ମିଶ୍ର ଖେଳ ପରିଚାଳନା କରୁଥିବା ବେଳେ ଘନଶ୍ୟାମ ପ୍ରଧାନ ସ୍କୋର ଦାୟିତ୍ୱ ତୁଲାଉଛନ୍ତି। ସିତାରାମ ସାହୁ, ଜୟ କିଷନ ସୁନାନୀ ଧାରାବିବରଣୀ ପ୍ରଦାନ କରିଛନ୍ତି। ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ନୂଆପଡା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଦସ୍ୟ ଅବନୀରଞ୍ଜନ ଜୋଷୀ, ଜିଲା ପରିଷଦ ସଦସ୍ୟ ଭାନୁପ୍ରତାପ ସିଂ ମାଝି ଯୋଗଦେଇ କ୍ରୀଡାପ୍ରେମୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ଲେବୟ କ୍ରିକେଟ କ୍ଲବ ସଂଯୋଜକ ସୌଭେ ଜେନ, ସଭାପତି ଅନୀଲ କୁମାର ଦାସ, ସମ୍ପାଦକ ଅଶୋକ ପୁଞ୍ଜି, କୋଷାଧ୍ୟକ୍ଷ ଭିକି ନାଏକ ଆୟୋଜନ କରୁଥିବା ବେଳେ ପ୍ରମୋଦ ସାମଲ, ସତ୍ୟ ପୋଡ, ଆଲୋକ ପ୍ରଧାନ, ଅନୁଭବ ଦାସ ପ୍ରମୁଖ ସହଯୋଗ କରୁଛନ୍ତି। ବୁଧବାର ଏମ୍‌ଏମ୍‌ସିସି ସମ୍ବଲପୁର ଓ ପ୍ଲେବୟ ନୂଆପଡା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ।

# ଲାଦରପାଲିରେ କୃଷକ ସଙ୍ଗଠନ ବୈଠକ

ଜାମଟିକ୍ରା,୨୨।୩(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଏନ୍‌ଏସି ଅଧୀନ ଲାଦରପାଲି ରାମଚଣ୍ଡୀ ମନ୍ଦିରରେ ମଙ୍ଗଳବାର ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଛି। ସଙ୍ଗଠନ ସଭାପତି ବିରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ଏପ୍ରିଲ ୧୮ରେ ସଙ୍ଗଠନର ବାର୍ଷିକ ଉତ୍ସବ ଲାଦରପାଲିଠାରେ ଆୟୋଜନ କରାଯିବ ବୋଲି ସ୍ଥିର କରାଯାଇଥିଲା। ଏଥିରେ ସଙ୍ଗଠନ ସମ୍ପାଦକ ସୁବାଷ ବିଶ୍ୱାଳ, ଅଫିସ ସମ୍ପାଦକ କୀର୍ତ୍ତନ ବିଶ୍ୱାଳ, ବୁଦ୍ଧଦେବ ନନ୍ଦ, ସୀତାରାମ ସାହୁ, ସୁରେନ୍ଦ୍ର ସ୍ୱାଇଁ, ସୁରେଶ କର୍ଣ୍ଣ ପ୍ରମୁଖ ଯୋଗ ଦେଇଥିଲେ।

# ଯୁବତୀ ଯୁବକଙ୍କୁ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱ



ବୈଠକରେ ଜିଲାପାଳ ଏବଂ ଅନ୍ୟ ଅଧିକାରୀବୃନ୍ଦ।

ବରଗଡ଼ ଅଫିସ୍,୨୨।୩

ବରଗଡ଼ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ମଙ୍ଗଳବାର ଆରଏସ୍‌ଇଟିଆଇ (ରୁରାଲ୍ ସେଲ୍ଫ ଏମ୍ପ୍ଲୟମେଣ୍ଟ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ସ) ଦ୍ୱାରା ଅନୁଷ୍ଠିତ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ରୂପରେଖ ଚୂଡ଼ାନ୍ତ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ମୋନିଷା ବାନାର୍ଜୀ ଅଧ୍ୟକ୍ଷତା କରିଥିଲେ। ଗ୍ରାମାଞ୍ଚଳରେ ଯୁବତୀ, ଯୁବକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଧନ୍ଦାମୂଳକ ପ୍ରଶିକ୍ଷଣ ସହିତ ବ୍ୟାଙ୍କ ଋଣ ଯୋଗାଇବା ଉଦ୍ଦେଶ୍ୟ ନେଇ ଉକ୍ତ ବୈଠକ ହୋଇଥିଲା। ଏହି କ୍ରମରେ ଜିଲାର ଓରମାସ୍, ଉଦ୍ୟାନ, କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ ବିଭାଗ ଗୁଡ଼ିକ ହିତାଧିକାରୀ ଚୟନ କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରିବା ପାଇଁ ଜିଲାପାଳ ବାନାର୍ଜୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୬ ମାସ ପାଇଁ ଏହି ରୂପରେଖ ପ୍ରସ୍ତୁତ କରିବା ସହିତ ହିତାଧିକାରୀଙ୍କୁ ଆର୍ଥିକ ଅଭିବୃଦ୍ଧିରେ କିଭଳି ସହାୟକ ହେବ, ତାହା ଉପରେ ଦୃଷ୍ଟି ଦେବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟାଇଗର କପ୍ କ୍ରିକେଟ: ଖଲିଆ ଚାମ୍ପିୟନ

ଖପ୍ରାଖୋଲ,୨୨।୩(ଡି.ଏନ.ଏ.)




ଟ୍ରଫି ସହ ଚାମ୍ପିୟନ ଖଲିଆ ଦଳର ଖେଳାଳି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ନୂତନ ଖେଳପଡ଼ିଆରେ ୨୫ତମ ଟାଇଗର କପ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଖଲିଆ ଓ ବନମାଲ ମଧ୍ୟରେ ହୋଇଥିଲା। ବନମାଲ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୬୧ରନ ସଂଗ୍ରହ କରିଥିଲା। ଜବାବରେ ଖଲିଆ ଦଳ ମାତ୍ର ୧୦ଓଭରରେ ୩ ଉଇକେଟ ହରାଇ ୬୪ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ଥାନା ଅଧିକାରୀ ରାମକାନ୍ତ ସାହୁ, ସମ୍ମାନୀତ ଅତିଥି ବିଡିଓ ରଶ୍ମି ରଞ୍ଜନ ରାଉତ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ପବିତ୍ର ପଟେଲ, ସତ୍ୟାନନ୍ଦ ସେଦିରିଆ, ଗୋବିନ୍ଦ ବାରିକ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୮ ହଜାର ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ୧୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଟାଇଗର କ୍ରିକେଟ କ୍ଲବ ସଦସ୍ୟଙ୍କ ସହ ରମାକାନ୍ତ ଭୋଇ, ଚନ୍ଦ୍ରଧ୍ୱଜ ରାଉତ, ସଞ୍ଜୀବ ସାହୁ, ଗଣ୍ଡାର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ। ୧୦ ଦିନ ଧରି ଚାଲିଥିବା ମ୍ୟାଚରେ ୧୫ଟି ଦଳ ଅଂଶଗ୍ରହଣ କରିଥିଲେ।

# ଜଙ୍ଗଲ ସୁରକ୍ଷା ପାଇଁ ଶପଥ

ନୂଆପଡ଼ା ଅଫିସ,୨୨।୩

ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ରାଣୀମୁଣ୍ଡା ପଞ୍ଚାୟତ ସମାଡପଦର ଗାଁରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ବନ ଦିବସରେ ପଲମପାହାଡ ଉପରେ ବସବାସ କରୁଥିବା ସମାଡପଦର ଗାଁର ମହିଳା, ପୁରୁଷମାନେ ଯୋଗଦାନ କରିଥିଲେ। ଏହି ଅବସରରେ ୟାର ଅନୁଷ୍ଠାନ ଖଡିଆଳ ଜିଲା ସଂଯୋଜକ ଅରୁଣ ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ଲକ୍ଷ୍ମଣ ମାଝି ମୁଖ୍ୟଅତିଥି, ଖୁସିରାମ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦିନକୁ ଦିନ ଜଙ୍ଗଲ କ୍ଷୟ ବୃଦ୍ଧି ପାଉଥିବାରୁ ଜଙ୍ଗଲ ସୁରକ୍ଷା ପାଇଁ ଗ୍ରାମବସୀ ସଂକଳ୍ପ ନେଇ ଜଣ ପ୍ରତି ବର୍ଷକୁ ୧୦ଟି ଗଛ ଲଗାଇବା ପାଇଁ ଶପଥ ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୋଲକ ପାଣିଗ୍ରାହୀ, ଲବ ପଟେଲ, ଡୋଲେଶ୍ୱରୀ ବିଶି, ଶାନ୍ତି ତାଣ୍ଡି, ଭଗବାନ ମାଝି, ମହେନ୍ଦ୍ର ମାଝି ପ୍ରମୁଖ ସହଯୋଗ କରିଥିଲେ।



ଜଙ୍ଗଲ ସୁରକ୍ଷା ପାଇଁ ଗ୍ରାମବାସୀ ଶପଥ ନେଉଛନ୍ତି।

# ବାଇକ୍ ଚୋରି ର୍ୟାକେଟ୍ ଠାବ, ୩ ଗିରଫ

ଅତାବିରା/ସରଣ୍ଡା,(ଡି.ଏନ.ଏ),୨୨।୩



ଜବତ ଗାଡ଼ି ସହିତ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

ବରଗଡ଼ ଜିଲା ଅତାବିରା ଥାନା ପୋଲିସ ଏକ ବାଇକ୍ ଚୋରି ର୍ୟାକେଟକୁ ଠାବ କରିଛି। ଉକ୍ତ ର୍ୟାକେଟ୍‌ର ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଜିଲା ହୀରାକୁଦ ଖ୍ରୀଷ୍ଟିଆନ ପଡ଼ାର ବିକାଶ ହରିପାଲ(୨୨), ବରଗଡ଼ ଜିଲା ଅତାବିରା ଥାନା ଲହଣ୍ଡାର ଗୁଡୁମ୍ ଓରଫ୍ ବନମାଳି ପଞ୍ଚଭୂୟାଁ ଏବଂ ଅତାବିରା ଦୁର୍ଗା ମନ୍ଦିର ଗଳିର ଶିବ ଦୀପ୍(୨୦)। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସେହିପରି ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ନାବାଳକଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯାଇଥିବା ପୋଲିସ ସୂଚନା ଦେଇଛି। ସେମାନଙ୍କ ପାଖରୁ ୯ ବାଇକ୍, ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଏବଂ ୩ ମୋବାଇଲ ଜବତ ହୋଇଛି। ଏ ନେଇ ଅତାବିରା ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ ସୂଚନା ଦେଇଛନ୍ତି।

ଏସ୍‌ଡିପିଓ କହିଥିଲେ, ଗତ କିଛିଦିନ ହେଲା ବରଗଡ଼ରେ ବାଇକ୍ ଚୋରୀ ର୍ୟାକେଟ ସକ୍ରିୟ ଥିଲେ। ଏହାକୁ ଦୃଷ୍ଟିରେ ରଖି ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶକ୍ରମେ ଅତାବିରା ଥାନା ଆଇଆଇସି ଅନିଲ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଏହି ଟିମ ଅନୁସନ୍ଧାନ କରି ବାଇକ୍ ଚୋରି ର୍ୟାକେଟ୍ ଠାବ କରିଥିଲା। ସେମାନଙ୍କ ପାଖରୁ ବାଇକ୍ (ନଂ.ଓଡ଼ି୦୩ଆର୍/୧୪୧୬), ନମ୍ବର ବିହୀନ ହିରୋହୋଣ୍ଡା ସିଡ଼ି ଡିଲକ୍ସ, ବଜାଜ ପ୍ଲାଟିନା (ନଂ.ଓଆର୧୭ଇ/୯୩୪୯), ହିରୋହୋଣ୍ଡା ସିଡ଼ି ଡନ୍, ଟିଭିଏସ ଜୁପିଟର୍ ସ୍କୁଟି (ନଂ.ଓଡ଼ି୧୫ଇ/୮୫୩୬), ହିରୋ ସ୍ପ୍ଲେଣ୍ଡର ପ୍ଲସ୍ (ନଂ.ଓଡ଼ି୧୭ଏଚ୍/୨୦୩୫), ପଲସର୍ (ନଂ.ଓଡ଼ି୧୭ଜେ/୪୮୭୦), ହିରୋ ଏଚ୍‌ଏଫ୍ ଡିଲକ୍ସ (ନଂ.ଓଆର୧୫କ୍ୟୁ/୨୨୬୮) ଏବଂ ବୋଲେରୋ ମ୍ୟାକ୍ସି ଟ୍ରକ୍ (ନଂ.ଓଆର୧୭ଏଚ୍/୫୬୮୩) ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ଏକ ଗ୍ୟାଙ୍ଗ କରି ବରଗଡ଼, ସମ୍ବଲପୁର ଜିଲାର ବିଭିନ୍ନ ସ୍ଥାନରୁ ଗାଡ଼ି ଚୋରି କରୁଥିବା ଅନୁସନ୍ଧାନରୁ ଜଣାପଡ଼ିଛି ବୋଲି ଏସ୍‌ଡ଼ିପିଓ ଗୋଚ୍ଛାୟତ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଅତାବିରା ଥାନା ଆଇଆଇସି ପ୍ରଧାନ ଉପସ୍ଥିତ ଥିଲେ।

